GOVERNMENT OF INDIA
NATIONAL LIBRARY, CALCUTTA

Or

Class No. 891.452

Book No. C468G

N. L. 38.

MGIPC—S1—36 LNL/60—14-9-61—50,000

ସୁପୁଷ୍ପ ପଦ୍ମବନ ।

2017

ପ୍ରକାଶକ :—

ଶ୍ରୀ ପରମାନନ୍ଦ ସାହୁ ।

ମୂଲ୍ୟ ଟ ୦ ୵

PRINTED BY DR. SURENDRANATH SAHOO.
Shree Radhanath Co-operative Press,
Limited. Cuttack 1924.

NATIONAL LIBRARY
No 1811
Date 19-12-57
CALCUTTA.

B.

ଗୁପ୍ତଗୁପ୍ତ

(ପ୍ରହସନ ।)

ପ୍ରଥମ ଅଙ୍କ ।

ପ୍ରଥମ ଦୃଶ୍ୟ ।

ଶିବକୁମାର ବାବୁଙ୍କର ଦ୍ୱାରସମ୍ମୁଖ,
କେତେଗୁଡ଼ିଏ ଗ୍ରାମ୍ୟ ବାଳକଙ୍କର ପ୍ରବେଶ ।

ଗୀତ ।

ଜହ୍ନିଫୁଲ ଟୋ ଠା—ଜୁଟେଇ ମୁଷା କହ୍ନଦେଇଚି ଗୃହଲ
ଠିଏ ଦେଇ ଯା । ପଦ । ବୁଲି ବୁଲି ଗାଆଁ ଠା ଯାକ, ଅ
ମା ଏଇ ମୁଠାକ, ବଡ଼ଘର ବୋଲି ଦଉଡ଼ିଆସିଚୁଁ, ଭଉଠୁ
ମୂଞ୍ଜଲ ଦେ’ ଲେ ମା । ୧ ।

ପ୍ରଥମ ବାଳକ – ମା ! ଆମ୍ଭ ଜହ୍ନିଖାଇ ଦଅଁଙ୍କର ପୂଜାପାଇଁ ସିଧା ସରଜାମ ପଠେଇ ଦଅ ।

(ପୁନର୍ବାର ଉପରୋକ୍ତ ଗୀତ ଗାୟନ)

(ଖଡ଼ିକା ମୁଠା ଧର ଚଣ୍ଡିଆ ମା ଦାସୀର ପ୍ରବେଶ)

ଚଣ୍ଡିଆ ମା—ଘଣ୍ଟର ଛୁଆଏ ! ମୁଆଁସ ଖାଇରପିଲ୍ଲଏ ! ତମକୁ ଷାଡ଼ି ଠାକୁରାଣୀ ନଉ ନାଇଁ, ରକ୍ତରେ ପଶୁନାଅଁ, ଗାଡରେ ଶୋଉନାଅଁ ! ମୁହଁ ଯଞ୍ଜବେଲୁଁଠାରେ ଅସି

ଜମିଦାର ଘର ଦୁଆରୁ ମୁହଁରେ ଏତେ ପାଟି ମେଲ
କଚ, ତମ ବୁକୁରେ ଛେଲି ଅମ୍ବକାଠ ଜଳୁ ନାଇଁ କି
ଖାଇବାକୁ ଯେବେ ନ ମିଳୁଚି, ନଇବାଲି ଖାଅ
ଚୁଲି ପାଉଁଶ ଖାଅ, ଦେବ ଅବକା ଝାଡୁଅପିଠା କ
ଯେ ଯୋଗନ୍ନାଖିଆ ଚୁଅଙ୍କର ଦାଉଁ ପୂଜା ଛଡ଼େଇ
ଦେବ । (ପିଲାଙ୍କୁ ଝାଡ଼ୁ ପ୍ରହାର ଓ ପିଲାମାନଙ୍କର
ଉଚ୍ଚସ୍ୱରେ ରୋଦନ) ।

(ଜମିଦାର ପତ୍ନୀ କନକମଞ୍ଜରୀ ଦେବୀଙ୍କର ପ୍ରବେଶ)

କନକ—ଅହା ! ଚଣ୍ଡିଆ ମା, କରୁଚୁ କଅଣ ? ପିଲାଗୁଡ଼ିଙ୍କୁ
ମାରୁଚୁ କାହିଁକି ? ସେଗୁଡ଼ିକ ତୋର କଣ
ନୋକସାନ କଲେ ? ଛି, ଛି, ବାଳକରତ୍ନ, ତାଙ୍କୁ ପୁଣି
ପହିଁରେ ମାରନ୍ତି ? (ପିଲାଗୁଡ଼ିକର ଲୁହ ପୋଛି-
ଦେଇ) ରହିଥାଅ ଲୋ ବାପ, ମୁଁ ତମର ଦାଉଁ
ଗୋଟେଇ ଦଉଚି, (ବିକ୍ଷି ହୋଇଯାଇଥିବା ଠାକୁର
ଗୋଟେଇ ଦେଇ) ଚଣ୍ଡିଆ ମା'ଟା ବଡ଼ ଦୁଷ୍ଟ; ବିନା
ଦୋଷରେ ପିଲାଗୁଡ଼ିଙ୍କି ମୋର ପିଟି ପକେଇଲା ।
ରହିଥାଅ ଲୋ ବାପ, କମଳୀ ନାମୀ ଜଳଖିଆ ନେଇ
ଆସୁଚନ୍ତି, ଏଇଠି ବସି ଆଗେ ଜଳଖିଆ ଖାଅ ପଛେ
ତମର ଠାକୁରଙ୍କ ପାଇଁ ସିଧା ସରଜାମ ନେଇ ଘରକୁ
ଯିବ । ବସ ଲୋ ବାପ ବସ, ମୁଁ ଟିକିଏ ବାବୁଙ୍କର
ପୂଜା ଜାଗାଟା କରି ଦେଇ ଆସେଁ (ପ୍ରସ୍ଥାନ) ।

ଚ: ମା—ଆଲୋ ହେଁ ଲୋ ! ତୋ'ର ପୁଣି ଏତେ କଥା ?
ଚଣ୍ଡିଆ ମା'ଟା ଦୁଷ୍ଟ, ଆଉ ତୁ'ଟା ବଡ଼ ଭଲ ! ତୋର
ଏ ଭଲପଣିଆ, ଏ ଘରଭାଙ୍ଗୁଆଗିପଣିଆ ଯେବେ ନ

ଛଡ଼େଇଚି, ତେବେ ମୋ ନାଁ ଶିଗ୍ଧପୋଇଲୀ ନୁହଁ (କାନରେ ଗଣ୍ଡି ପକେଇବା)। ଅଜା ପର ପିଲାଙ୍କ କାନ୍ଦଣା ଦେଖି ଆପେ କାନ୍ଦପକଉଚୁ, ଦେଖିବ ଲୋ ଦେଖିବ, ଯେବେ ତୋର ନିଜ ପିଲାଙ୍କୁ ତୋ'ରି ହାତରେ ବିଷ ନ ଖୋଇଚି ତେବେ ମୁଁ କଣ୍ଟକିଆଣୀ ମାଇକିନିଆ ନୁହଁ।

(ଥାଳୀରେ ମିଷ୍ଟାନ୍ନ ଏବଂ ଜଳ ପାତ୍ର ଘେନି କମଳୀ ନାମ୍ନୀର ପ୍ରବେଶ)

କମଳୀ—ଆସ ରେ ପିଲାଏ, ମା' ତମମାନଙ୍କ ପାଇଁ ଜଳଖିଆ ପଠେଇଚନ୍ତି ଆସ ଖାଇବ।

୧ମ ବାଳକ—ଆମ ହାତରେ ଜଳଖିଆ ଦିଅ ନାନି! ଆମେ ଇମିତି ଠିଆରେ ଠିଆରେ ଖାଇବୁଁ, ବସିବୁଁ ନାଇଁ, କାଲେ ଚଣ୍ଡିଆ ମା ଫେର ମାରିବ?

କମଃ—ହଉ ତେବେ ନିଅ (ଜଳଖିଆ ଦେବାକୁ ଯାଇ) ଆହା ଏ ପିଲାଗୁଡ଼ିଙ୍କର ପିଠିରେ ଇମିତି ଖଡ଼ିକା ଦାଗ କାହିଁକି ବସିଚିମ! ଚଣ୍ଡିଆ ମା! ତୁ ଏ ପିଲାଗୁଡ଼ିଙ୍କି ଖଡ଼ିକା ମୂଠାରେ ମାରିଚୁ କି?

ଚଃ ମା—ହୁଁ।

କମଃ—କାହିଁକି, ତୋ ବାଡ଼ି ଗଛରୁ କିସ ପିଜୁଳି ପାଡ଼ି ଖାଇ ଗଲେ କି?

ଚଃ ମା—ନାହିଁ।

କମ—ହିଁ ହିଁ ସେଇଆତ ହେଇଥିବ, ନଇଲେ ବିନା ଦୋଷରେ ମାରିବୁ କେଣେ? ତା ମାଇଲୁ ତ ମାଇଲୁ ବେଶ୍ କଲୁ;

ଉତ୍ତୁପାତଅ ପିଲାଏ ଯିମିତ କରମ କଲେ ସିମିତ ଫଳ ପାଇଲେ ଏକା ।

୨ୟ ବା:—ନାହିଁ ନାନା, ଆମେ ତା ଗଛରୁ କାହିଁକି ପିଜୁଳି ଖାଇବୁଁ ।

କମ—ନାଇଁ ନାଇଁ, ତମେଟିମାନେ କସ ସିମିତ ପିଲ କି, ତମେଟିମାନେତ ବଡ଼ସୁନ୍ଦାର ଏକା, ପରସ୍ତୁତେରେ ଏ 'ଉଇଜଲା ମାଙ୍କଡ ତା'ଗଛରୁ ପିଜୁଳି ଖାଇଯାଇ ଥେବେ ସେ ସେଇ ମାଙ୍କଡ଼ଙ୍କର ଅଦାଉତରେ ତମମାନଙ୍କ ମାଉଥବ ; ତା' ସେଥେରେ ତା'ର କିଛୁ ହେଲେ ତା'ପୁ ଅସିବ ନାଇଁ, ସେ ଠିକ୍ ଲ-ପଇଣ୍ଟ ଧରି କାମ କରଉଛି ଏକା ।

୧ମ ବା :—ନାନା ! ଲ-ପଇଣ୍ଟ କଅଣ ?

କମ—ସେ ଅଙ୍ଗରିଜି ଘର ପାଠ ଲେ ବାପ, ତମେମାନେ ଏଇଲେ ସେ ପାଠ କାହୁଁ ବୁଝିବ, ଅଗ ବଡ଼ ହ, ସାଅବ ପାଠ ପଢ଼ି ପିଲେଇ ଉର ହେଲେ 'ଲ' ପୋଥି ଧରି କୋଟକୁ ଯିବ ମୁଦେଇ ମୁଦାଲିଙ୍କର ଦାବାରେ ଲ-ପଇଣ୍ଟ ଧରି ବାଇଦା ପକେଇବ (କ୍ରନ୍ଦନସ୍ୱରେ) ଅମ ଗୁସେଇଁ ଗୁଣ୍ଟାଏ ବଡ଼ ପିଲାଡ଼ର ଥେଲେ, ଦରକି କୋଟରେ ଦାବା ଦରବାର କରି କେତେ ଟଙ୍କା ଅରଜି ମୋ ହାତରେ ଦଉଥେଲେ (କ୍ରନ୍ଦନ) ଛାଡ଼—

(ସିଧାଂତଣ୍ଡୁ ଲାଦ୍ଦ ଦେନି କନକ ମଞ୍ଜରୀଙ୍କର ପ୍ରବେଶ) ।

କନକ—ନାନା! ଏତେବେଳଯାଏ ପିଲାଙ୍କୁ ଜଳଖିଆ ଦେଇ ନାଅଁ ?

କମ୍ମ—(ଅପ୍ରତିଭଭାବେ) ନାଇଁ ମା, ଏ ପିଲାଙ୍କ ପିଠି ଦାଗ କଥା ବୁଝୁଥିଲି ଏକା।

କନକ—(ସହାସ୍ୟେ) କ'ଣ ବୁଝିଲ?

କମ—ବୁଝିଲି କସ କ ମା! ଏଥେରେ ଯୁଡ଼ାଏ ଲ-ପଇଣ୍ଟି ବାହାରୁଚି ଏକ୍ଥା। ଗୁଟେ ହେଲା ମାଙ୍କଡ଼ଙ୍କ ଅଦାଲତରେ ପିଲାଙ୍କୁ ମାଡ଼, ଆଉ ଗୁଟେ ହଉଚି; ନୂଆ ଖଡ଼ିକା ମୁଠାଏ ଝାଣ ପଡ଼ିବ କି ନାଇଁ ସେଇଥା ଚଣ୍ଡିଆ ମା ଏ ପିଲାଙ୍କ ପିଠିରେ ପରଖ କରୁଥିବ ପରା!

କନକ—ହଉ ତେବେ ଖାସା ଆଇନ ଶିଖିଚ ତୁମେ, ଏବେ (ସିଧାପାନକୁ ତଳେ ରଖି) ଜଳଖିଆ ଥାଳି ମଢେ ଦିଅ, ଚଣ୍ଡିଆ ମା! କାହିଁକ ଛୁଡ଼ା ହେଇରୁ ସନ୍ଧ୍ୟା-ବତୀ ହେବାକୁ ଲଗେଇବୁ ଯା, ମୁଁ ଏ ପିଲାଗୁଡ଼ଙ୍କି ଜଳଖିଆ ବାଣ୍ଟିଦେଇ ଯାଉଚି।

ଚ: ମା—ହଉ ଯାଉଚି (ସ୍ୱଗତ) ତୋ ଦାମୀପଣିଆ ଛଡ଼େଇ ଦଉଚି ରହ।

[ପ୍ରସ୍ଥାନ]

(କନକ ପିଲାଙ୍କୁ ମିଷ୍ଟାନ୍ନ ବାଣ୍ଟିଦେବା ଏବଂ ପିଲାମାନେ ଜଳଖିଆ ଖାଇଲା ଉତ୍ତାରୁ)

ମା'ଙ୍କର ଅମର ମଙ୍ଗଳ ହଉ, ହରି'ବୋଲ୍।

କନକ—ନିଅ ରେ ବାପ! ତମ ଦିଅଁଙ୍କ ପାଇଁ ସିଧା ସଜାଡ଼ି ଅଣିଚି ନେଇ ଯାଅ।

(ବାଳକଗଣ ପୁନର୍ବାର ହରିବୋଲ ଦେବା ପର ଗୀତ ।)

କାଚ ତୋର ହେଉ ବଜର, ପାଚଲା ମୁଣ୍ଡରେ ପିନ୍ଧିଲୁ ଟୋପି ମା ଚେଣୀସୁନ୍ଦର । ପୁଅମାନେ ତୋର ସୁଖରେ ଥା'ନ୍ତୁ ଗିରସ୍ତ ହୁଅନ୍ତୁ ମହାରଜା । ୨ ।

[ଗୀତ ଗାଉ ଗାଉ ପ୍ରସ୍ଥାନ]

କନକ—ଅହା, ପିଲାଗୁଡ଼ିକ କି' ସୁନ୍ଦର ଗୀତ ଗାଉଚନ୍ତି ।

କମ—ହଁ ମା, ସେମାନେ ଏକ୍କା ଠିକ୍ 'ଲ-ପଇଣ୍ଟି' ଧରି ଗୀତ ଗାଇଲେ । କାଚ ତୋର ବଜର ହଉ ବୋଇଲେ କ ତୋ କାଚ ବଜର ହେଇ ଇନ୍ଦର ରଜା ହାତେରେ ରହୁ, ବୋଇଲେ ତୁ ଇନ୍ଦରାଣୀ ହ ; ଆଉ ପାଚଲା ମୁଣ୍ଡରେ ସୁନ୍ଦର ପିନ୍ଧା କଥାଟା ଲ-ପଇଣ୍ଟି ଧଇଲା ନାହିଁ, ପିଲ୍ଲାଲୁକ କି ନା, ହୁଡ଼ିଗଲେ ।

କନକ—କଅଣ ହୁଡ଼ିଗଲେ ମ ?

କମ—ମୁଣ୍ଡ ପାଚିଲେତ ଆପଣା ଛାଏଁ ସୁନ୍ଦର ଭଲିଆ ରଙ୍ଗ ଝହ ଝହ ହେଇଯିବ, ଆଉ ତାହିଁରେ ଚେଣୀସୁନ୍ଦର ନାଇଲେ ଦୁଶିବ କୁଆଡ଼ୁ ପୁଣି ।

କନକ—(ସହାସ୍ୟେ) ଉଠ ମ, ଦକ୍ଷିଣୀ ହୁଣ୍ଡୀ ! ଚାଲ ତେଣେ ବାବୁଙ୍କର ସନ୍ଧ୍ୟା ବଢ଼ିବଣି, ଟିକି' ଜଳଖିଆ ଦବା ।

[ପ୍ରସ୍ଥାନ]

କମ—(ସରୋଷେ) ଏ ରଇଜଲା ଝିଅଙ୍କ ଲଗି ମୁଁ ସିନା ଆଜ ଗାଲି ଖାଇଲି ? ମୁଁ ଓକିଲ ମାଈପ, ମତେ ପୁଣି ଲ-ପଇଣ୍ଟି ଆଉ ନାହିଁ ବୋଲି ସ୍ବାକେ ବୋଲୁଚନ୍ତି ;

ଅଚ୍ଛା ଦେଖିବ ମଜେ ଓବଶି ଜଣା କି ତମ ବାବୁଙ୍କ ବେଶି ଲ-ପଇଣ୍ଟି ଜଣା ।

[ବକୁ ବକୁ ପ୍ରସ୍ଥାନ]

ଦ୍ୱିତୀୟ ଦୃଶ୍ୟ ।

କକ୍ଷ ।

ଶିବକୁମାର ବାବୁ କନିଷ୍ଠ ପୁତ୍ରଟିକୁ ସଙ୍ଗରେ ନେଇ
ଜଳଖିଆ ଭୋଜନ କରିବା, କନକ ମଞ୍ଜରୀ
ପରିବେଷଣ କରିବା ।

କନକ—ଅଉ ଦି’ଟା ରସଗୋଲ୍ଲା ଦେବି ?

ଶିବ—ନାହିଁ ମ ମୋ ପେଟ ପୂରିଗଲାଣି ଟି, କରେ ସାଧୁ ! ତୁ ଖାଉ ନାହୁଁ ?

ସାଧୁ—ନାହିଁ ବାପା ମୁଁ ଅଉ ଖାଇ ପାରିବ ନାହିଁ, ମୋ’ରବି ପେଟ ପୂରିଗଲାଣି ।

କନକ—ହିଁ ୨ ତୋ’ ପେଟଟ ସବୁବେଳେ ପୂରିଥାଏ ତୋ’ କଥା କ’ଣ ।

ସାଧୁ—ନାହିଁ ? ଦେଖି ଶୁହିଁଲ ମୋ ପେଟକୁ, ବାପାଙ୍କ ପେଟଠଉଁ ଉଞ୍ଚ ଦିଶୁଚି କି ନାହିଁ ?

କନକ—ଡ଼ାଆଣା ଟୋକା, ଏମିତ କଥା କହନ୍ତି ? ଆଁ’ଜି ସାଁଧୁ କୁଆଡ଼େ ଗଲ ? ଏତେବେଳଯାଏ ଜଳଖିଆ ଖାଇନାହିଁ ।

ଶିବ—ସେ ଆଉ ଯିବ କୁଆଡ଼େ ? ପଣ୍ଡିତଙ୍କ ପାଖେ ସଂସ୍କୃତ ପଢ଼ୁଥିବ । ସେ କି ତାଁ'ର ବହି ଛାଡ଼ି କୁଆଡ଼େ ବୁଲିବାକୁ ଯାଏ ?

କନକ—ତାକୁ ଅଚ୍ଛା ଇଂରେଜି ପାଠ ପଢ଼େଇଲ ସବୁବେଳେ ଖାଲି ପାଠ ବାଯ୍ୟା ହେଇ ବୁଲିଲା, ଖାଇବା ନାଁ' ତ ତୁଣ୍ଡରେ ଧଇଲା ନାଇଁ ।

ଶିବ—ପଢ଼ୁ, ପଢ଼ୁ, ଏତେବେଳେ ପଢ଼ିବ ନାହିଁ ତ ଆଉ ପଢ଼ିବ କଣ ବୁଢ଼ା ବୟସରେ ?

କନକ—ତା ପଢ଼ିବ ତ ଆମ କୁଳବଦ୍ୟା ସଂସ୍କୃତ ପଢ଼ୁ, ପଣ୍ଡିତ ହଉ, ପଣ୍ଡିତ ଘରର ନାଁ ରଖୁ ; ସେ ଇଂରେଜୀପାଠରୁ ଆମ୍ଭକୁ କି ଲାଭ ମିଳିବ ?

ଶିବ—ଲାଭ ଅନେକ ବିଷୟରେ ଅଛି ସାଧୁ ମା, କିଛିଦିନ ବାଦ ସେ ସବୁ କଥା ବୁଝିପାରିବ ।

କନକ—ମୋ'ର ବଡ଼ ଭୟ ହଉଚି, ଟୋକାଟା ଇଂରେଜୀପାଠ ପଢ଼ି ଯେବେ କୁଳକ୍ରିୟା ଛାଡ଼ିଦିଏ ତେବେ ତ ମାହା ମୁସ୍କିଲ ।

ଶିବ—ସେ ଭୟ ତୁମକୁ କରିବାକୁ ହବ ନାହିଁ, ସାଧୁ ମୋ'ର ସେମିତ କୁପୁତ୍ର ନୁହେ ଯେ ଇଂରାଜୀ ପଢ଼ିଲା ବୋଲି ଆପଣା କୁଳଧର୍ମ୍ମ ଛାଡ଼ିବ । ହେଇତ ସାଧୁ ଆଇଲାଣି, କିରେ ଏତେବେଳଯାଏ କ'ଣ ହିତୋପଦେଶର ଶ୍ଳୋକ କେଇଟା ମୁଖସ୍ତ କରିପାରୁ ନ ଥିଲୁ ?

ସାଧୁ—(ସଭୟେ) ଅଳ୍ପ ମୁଖସ୍ତ ତ କେତେବେଳୁ କରି ସାରିଚି, ଖାଲି ପଣ୍ଡିତ ମହାଶୟ ବ୍ୟାଖ୍ୟା କରୁଥିଲେ ଯେ ତାକୋଇ ନୋଟ ବହିରେ ଲେଖି ନଉଥିଲି ।

ଶିବ—ଲେଖିନେଇ ଲାଭ କ'ଣ, ସାଙ୍ଗେ୨ ଘୋଷି ପଢେଇ ଥିଲେ ଭଲ ହେଇଥାନ୍ତା; ବର୍ତ୍ତମାନ ଇଂରାଜୀ ମାଷ୍ଟର ପଢ଼େଇବାକୁ ଆସିବେ ଆଉ ସଂସ୍କୃତ ପଢ଼ିବାକୁ ତ ବେଳ ପାଇବୁ ନାହିଁ ।

ସାଧୁ—ଅଜ୍ଞା ମୁଁ ଘୋଷୁଥିଲି, ଖାଲି ସନ୍ଧ୍ୟା ଗଡ଼ିଗଲା ବୋଲି ସନ୍ଧ୍ୟା କରିବାକୁ ଆସିଚି ।

ଶିବ—ଅଚ୍ଛା ସନ୍ଧ୍ୟା ଶେଷ କରି ଶୀଘ୍ର୨ ଟୀକାଗୁଡ଼ାକ ମୁଖସ୍ଥ କରି ପକା ।

କନକ—ହଁ, ଅଚ୍ଛା ପାଠ ପଢ଼ାଉଚନ୍ତି ପୁଅକୁ, ପିଲାଟା ଏତେବେଳ ଯାଏ ପାଣି ଟିକିଏ ତୁଣ୍ଡରେ ଦେଇ ନାହିଁ, ଖାଲି ପାଠ ପଢ଼୍, ପାଠ ପଢ଼୍ ।

ଶିବ—ଅରେ ବାବୁ ଖାଇବାକୁ କ'ଣ ମୁଁ ମନାକଲି, ସମୟର ସଦ୍‌ବ୍ୟବହାର କରି ଜାଣିଲେ, ଖାଇବାକୁ ଶୋଇବାକୁ ସବୁ କାମ କରିବାକୁ ଯଥେଷ୍ଟ ସମୟ ମିଳିବ ।

ସାଧୁ—ବାପା ! ଆମ ଅତିଥିଶାଳାକୁ ଆଜି ଜଣେ ନୂଆ ସାଧୁ ଆସିଚନ୍ତି, ଓଃ ମସ୍ତ ପଣ୍ଡିତ ସେ ବାବାଜୀ ।

ଶିବ—ତୁ କ'ଣ ତାଙ୍କୁ ଦେଖିଚୁ ?

ସାଧୁ—ନାହିଁ ପଣ୍ଡିତ ମହାଶୟ କହୁଥିଲେ ।

ଶିବ—ଅଚ୍ଛା ତୁ ସନ୍ଧ୍ୟାସାରି ଜଳଖିଆ କର୍ ଯା, ମୁଁ ଯାଉଚି ସେ ସାଧୁଙ୍କୁ ଦର୍ଶନ କରି ଆସିବି ।

ସାଧୁ—ବାପା, ମତେ ନେଇଯାଅ (ଗମନୋଦ୍ୟତ) ।

କନକ—ଅରେ ରହ ମୁଁ ହାତ ଧୋଇଦିଏଁ, ଟିକିଏ ଚୋକା କିଛି ଖାଇଲୁ ନାହିଁ ।

ସିଧୁ—ଦେଖିଲ୍ ମୋ ପେଟ ବାପାଙ୍କ ପେଟ ପର ଉଞ୍ଚ ଦୁଶୁଚି କି ନାହିଁ ?

କନକ—ଚୁପ୍, ମାରବଟି ପାଜି ଟୋକାକୁ ।

ସିଧୁ—ଟୋ ଶୁଣ ଲେ, ମୁଁ ବାପାଙ୍କର ବାପା ହେଇଗଲିଣି । (ହସ୍ତ ଦୌଡ଼ି ପଲାୟନ) ।

ଶିବ—ଆରେ ରହ ରହ, ଏକା ଯା ନା, କୋଉଠି ପଡ଼ିବୁ ।

[ପ୍ରସ୍ଥାନ]

ପଟ୍ଟପତନ ।

ତୃତୀୟ ଦୃଶ୍ୟ ।

ଉପବନ ।

ସମୟ ଅର୍ଦ୍ଧରାତ୍ର,

ସନ୍ନ୍ୟାସିବେଶୀ ବଳଦେବ ମିଶ୍ର ଓ ଚଣ୍ଡିଆ ମା ।

ଚଃ ମା—ଦେଖ ମୁଁ ତମ ପାଇଁ ଅପଣା ପୁଅକୁ ବିଷ ଖୋଇ ମାଇଲି, ହାତ ଧଇଲା ଘଇତାକୁ ଦୋଷୀ ପରମାଣ କରେଇ କଳାପାଣି ପଠେଇଲି, ଆଉ ତମେ ମୋ ଏଇଟିକ କାମ କର ପାରବ ନାଇଁ ?

ବଳ—କ୍ୟା କର୍‌ବା ବୋଲ୍, ତେରା ବାତ୍‌ମେ ହାମ୍ କୁଛ୍ ଅମତ୍ ନେହିଁ, ଲେକେନ୍ ବଡ଼ା ପନ୍‌ସେ ଉନ୍‌କା ନିମକ୍ ଖାଇଛୁ, କେସା କର୍‌କେ ଇସ୍ସେ ହାଥ୍‌ମେ ଉନ୍‌କା ସରବ ନାଶ କର୍‌ବା ?

ଚଃ ମା—ଆଉ ମତେ ଶିଖେଇ ବୁଝେଇ ଯେତେବେଳେ ମୋର ସରବ ନାଶ କଲ, ସେତେବେଳେ ଏ ସୁବୁଦ୍ଧି କୋଉଠି ଥିଲା ମ ? ହଉ ତେବେ ଥାଅ ମୁଁ ଯାଉଚି । (ଗମନୋଦ୍ୟତ) ।

ବଲ—ଅରେ ନେହିଁ ୨ ତେରବାସ୍ତେ ଅପନ୍ ଧରମ ପତ୍ନୀକୁ ଛଣ୍ଟିଚିପି ମାରୁଛୁ, ଅଉର୍ ତୁ ହାରାମଜାଦୀ ମୁଝ୍‌କୁ ଏକା ଛାଡ଼ିଦେଇ କିଧର୍ ଭାଗୁଛୁ ?

ଚଃ ମା—ଇସ୍, ଛଣ୍ଟିଚିପି ମାଇଲା ଭଳିଆ ଅଣ୍ଡିରାଟାଏ ଏକା ଏ । ମାଇଲ ମୁଁ ଆଉ ତେମେ କୋଉଠିଁକିଏ ଗୋଡ଼ ଦ'ଟା ଧରିଥିଲ ବୋଲି ନା' ହେଲା ତମର । ଯା'କୁ ଗୋଟାଏ ମୁହଁର କଥା କହିବାକୁ ଡର ମାଡୁଚି, ସେ ଯୋଗମାଙ୍ଗିଆ କୋଉଠି ଗୋଟାଏ ଷୋଳ ସାମର୍ଥ ପଟୁମାଣୀ ମାଈକିନିଆକୁ ଛଣ୍ଟିଚିପି ମାରୁଥିଲା ! (ବଦ୍ରୁ ପହାସ୍ୟ ।)

ବଲ—ଅରେ "ମା'ରେ ସିପାହୀ ନାମ ସର୍ଦ୍ଦାରକା" ତୁ ମାଇଲ୍ ବୋଲି କିଏ କଣ ବୋଲୁଛୁ ? ହତ୍ୟା ଦୋଷ ତ ମେରା ଶିର୍‌କା ଉପର୍, ନେହିଁତ ମଏଁ କାହେ ଏ ଲେଙ୍ଗୁଟି ପିନ୍ଧି ଇଧର ଉଧର ଘୁମୁଥାନ୍ତା ? ଅଚ୍ଛା କ୍ୟା କହେନେ ହୋ'ଗା ବାବୁକୁ ଜଲ୍‌ଦି ବୋଲ୍, ବହତ୍ ଦେ'ର ହୋଗଲା ।

ଚଃ ମା—ବେଶି କିଛି କହିବ ନାହିଁ ମ । ତମେ ଖାଲି ବାବୁଙ୍କୁ ବୁଝାଅ ଯେ ସେ ଆଉ ଗୋଟିଏ ବାହା ହ'ନ୍ତୁ । ସେ ତମକୁ ଜଣେ ପଣ୍ଡିତ ସନ୍ନ୍ୟାସୀ ବୋଲି ମନେ କରି ଭାବ ଭକତି କରୁଚନ୍ତି, ତମେ କହିଲେ ସେ କେତେ

ତମ କଥା ଭାଙ୍ଗିବୁ ନାହିଁ । ତମେ ଖାଲି କହ ବୋଲି ବାବୁଙ୍କୁ ଅଜ ଗୋଟିଏ ବାହା କରାଅ, ବାକି ଯେତିକା କାମ ଅଛୁ, ସବୁ ମୁଁ କରିଲେବ ।

ବଲ—ଅଚ୍ଛା ତୁକ୍ଲୁତୋ ଜାନ୍ ଦେଇଛୁ, ତେରା କାମ୍ ନେହି କର୍ବା ଅର୍ କର୍ବା କ'ଣ ? ଲେକିନ୍ ମେରା ବକସିସ୍‌କା ବାତ୍ ୟାଦ୍ ରଖିଛୁ ତୋ ?

ଚ: ମା—ହଁ ତମ କଥା କି ମୁଁ ଭୁଲିପାରିବ ? ତମେ ଖାଲି ମୋର ଏଇଟିକି କାମ କରିଦିଅ, ତମର ବକସିସ୍‌କୁ ଆଣି, ଗାଈ ଗୋଡ଼ରେ ବାଛୁରୀ ଛନ୍ଦାଇ ପରି ତମର ଗୋଡ଼ରେ ଛନ୍ଦ ଦେବ । ଅଜି ଦେଖ ଏ ମଣିଷ ବକ୍‌ସିସ୍ କ'ଣ ଖୋଜୁଚି, ଏଇ କାମଟା ଖାଲି କରେଇ ଦିଅ, ଅଜିଠୁ କେତେ କ'ଣ ବକ୍‌ସିସ୍ ପାଇବ ।

ବଲ—କ୍ୟା, କ୍ୟା, ବୋଲ୍‌ତ ଯେରା ପିଆରୀ !

ଚ: ମା—ବୁଝିପାରୁନାହଁ, ତା ଘରେ ସଉତୁଣୀଅ ବାଦ ଲଗେଇଦେଲେ ତେଣିକି ସବୁତ ଅମର, ଯା' ଇଚ୍ଛା କରିବା ତା' କରିପାରିବା, ସବୁଚିଜତ ଅମରି ହାତରେ ରହା ଭଙ୍ଗା ହବ, ସେଥିରୁ ତମର ଅଧେ ମୋର ଅଧେ, ବୁଝିଲ ?

ବଲ—ହଁ ସମ୍‌ଝୁଚି ସର୍, ଲେକେନ୍ ଓ ବାତ୍ କେସାକର୍‌କେ ହୋ ପାଇବ ? ବାବୁଅଣୀ ତୋ ବହତ୍ ଆଚ୍ଛା ଅଦମ୍ ସୀତା ଠାକୁରାନୀକା ଏସା ସତୀ । ସଉତୁଣୀଅ ବବାଦ ଲଗା ଦେ'କେ ଉନ୍‌ସେ କ୍ୟା ଫଲ୍ ମିଲିବ ?

ଚଃ ମା—ଅରେ ତମେ ବୁଝିନାଅଁ, ବାବୁଆଣୀର ଅନ୍ୟ ଗୁଣ ସବୁ ଖୁବ୍ ଭଲ ସଚ, ହେଲେ କ'ଣ ହେଲା ସେଇଟା ଭାରି ବଦ୍‌ରାଗୀ; ତାକୁ ଖାଲି ଠିକିଏ ରଗେଇ ଦେଇ ପାରିଲେ ଆମର କାମ ବନାଓଜଗରରେ ହାସଲ୍ ।

ବଳ—ଅଚ୍ଛା ଓ ବାତ୍‌କା ଭାର୍ ତ ମେ'ରା ଉପର ମେରା କାମ୍ ମଏଁ ଅଲବତ୍ତା କରେ'ଗା, ରୁପୀଆ ପଏସାଁକ ମଏଁ ଜ୍ୟାସ୍ତି ନେହିଁ ମାଙ୍ଗୁଛୁ ଦାଁ'ରୁକା ଆର ଦ'ସାକା ଝର୍ଚ୍ଚା ମଲ୍‌ଗେୟା ତ ବସ୍ ଲେକିନ୍ ଦେଖ୍ ଶିସ୍ ! ଜସ୍ ଟିକ୍ ଦେନେକୁ ତୁନେ କବୀର କହ୍ଲୁ, ଯବ୍ ଉସ୍‌ମେ ଧପା ଦବୁ ତବ୍ ମେରା ବହତ୍ ବୁସା ହୋ ଯାଏଗି, (ନାଶରେ ହାତମାରି) ପଞ୍ଜାବୀ ବଡା, ଉସ୍‌କା କାମ୍ କଡା ଲେକେନ୍ ବାତ୍ ସଚ୍ଚ; ଯୁଦ୍ଧ୍ ରଖ୍‌ନା ଗୃହ ଏ ବଡା (ପୁନର୍ବାର ନାଶ-ମର୍ଦ୍ଦନ) ।

ଚଃ ମା—ହାଁ ହାଁ କେତେ ନାଶରେ ହାତ ମାରୁଚ ମ, ହାତ ମଳିଲାଗି ଜଡ ହେଇଯିବ ଯେ । ଥରେ ତ କହୁଚି, ତାକୁ ଆଣି ତମର ଗୋଡ଼ରେ ଛନ୍ଦଦେବ ଆଉ କେତେ-ଥର ସେଇ ଏକ୍ କଥା କହୁଥିବ, ତମେ ପଞ୍ଜାବୀ ମରଦ ହେଲେ ଏ'ବ କଟକିଆଣୀ ମାଇକିନିଆ । ଏବେ ଚାଲ ବାବୁ ଅଇଚ୍ଛୁକା ମ ଘସିନାନ କରିବାକୁ ଉଠିବେ ।

ବଳ—ଅଚ୍ଛା, ଚଲ୍ ଚଲ୍ ।

[ଉଭୟଙ୍କର ପ୍ରସ୍ଥାନ]

ଚତୁର୍ଥ ଦୃଶ୍ୟ ।

କକ୍ଷ ।

କନକମଞ୍ଜରୀ ଓ ଚଣ୍ଡିଆ ମା ।

କନକ—କ'ଣ କହୁଚୁ ଚଣ୍ଡିଆ ମା ! ବାବୁ ଲୁଚେଇ କରି ଆଉ ଗୋଟାଏ ବାହା ହୋଇଚନ୍ତି ? ନା, ନା, ଏ ମିଛ କଥା, ସେ'ତ ମତେ ପ୍ରାଣରୁ ଅଧିକ ଦେଖି ପାରନ୍ତି; ପିଲ, ଦଉଟି ତାଙ୍କର ଆଖିର ପିତୁଳା ; ତେବେ ସେ କି ଦୁଃଖରେ ଆଉ ଗୋଟାଏ ବାହାହବାକୁ ମନ କଲେ ?

ଚ: ମା—କେଜାଣି ଦୁଃଖ କି ସୁଖ ସେକଥା ମୁଁ ଜାଣେ ନା ମା ! ଯା ଅପଣା ଦୁଆଁଖିରେ ଦେଖି ଆଇଲି ଖାଲି ସେଇ କଥାଟି ଆପଣଙ୍କ ପାଖେ ଜଣାଇଲି ; ବୋଲେ-'ଯା' ନ ଦେଖିବ ଦ'ନଯ୍ନେ ପରତେ ନ ଯିବ ଗୁରୁବଚନେ' ।

କନ—ତେବେ ତୁ କ'ଣ ଠିକ୍ ଜାଣୁ ?

ଚ: ମା—ମଲ, ପୋଇଲୀଟା କଣ ଖାଉନ୍ଦାଣୀ ପାଖରେ ମିଛ କଥା କହିପାରେ ?

କନ—ଅଚ୍ଛା ତେ'ବେ ନୂଆ ବାହୁଅଣୀଟା କୋଉଠି ଅଛି କହି ପାରିବୁ ?

ଚ: ମା—କାହିଁକି, ବଗିଚ୍ଚ କୋଠାଘରେ ; ବୋଲେଁ "ନୁଚିରି, ନା ଗୋଡ଼ ଦୋ'ଟି ଦୁଶୁଚି" ମୋ' କଥାରେ ଯେବେ ବିଶ୍ୱାସ ନ ହଉଚି ତେବେ କମଳିନାମାଙ୍କୁ ପଠେଇଦ'ନ୍ତୁ ସେ ଯାଇ କଥା ସତ କି ମିଛ ଥରେ ବୁଝି ଆସୁ ।

କନ—ନା ନା, ତୁ ଘରର ମଣିଷ ; ତୁ କ'ଣ ଆଉ ମିଛ କଥା କହୁଚୁ ? ଓଃ ଏକଥା ଶୁଣି ମୋର ଗୋଡ଼ରୁ ମୁଣ୍ଡ ଯାଏ ଜଳି ଉଠିଲାଣି ; କ'ଣ କରିବ କହିଲୁ ଚଣ୍ଡିଅ ମା !

ଚ: ମା—ବୋଲେ ବଡ଼ଘରର ବଡ଼କଥା, ତା'ର ମୁଁ କି ଉତ୍ତର ଦେବ ମଣିମା ?

କନ—ନା ନା, ତତେ ମୋ ରାଣଟି, କହ ମୁଁ କି ବୁଦ୍ଧି କଲେ ଏ ବିପଦରୁ ଉଦ୍ଧାର ହେବ ।

ଚ: ମା—ହଁ ହଁ ବିପଦ ପରି ବିପଦ ! ବିପଦ ନୁହଁ, କ'ଣ, ବୋଲେ ସଉତୁଣୀ ଥିବ ସଉତୁଣୀର କଣ୍ଟା ନ ଥିବ, ସଉତୁଣୀ ତ ତମେ ଅଛ ଫେର ଯୋଡ଼ିଏ କଣ୍ଟାବି ତମକୁ ଦାଉଁ ଦେଇଚନ୍ତି ଏ ଅବସ୍ଥାରେ ଯେ ନୂଆ ମା କିଛି ନ କରିବ ଏ କଥା କିଏ କହିପାରେ ? ଶୁଣୁଚି ନୂଆ ମାଙ୍କର ବୟସ କୋଉଠି କୋଡ଼ିଏ ନା କୋଡ଼ିଏ ଦୁଇ ।

କନ—ପୋଡ଼ିଯାଉ ତାର ବୟସ, ତାର ବୟସରୁ ମୁଁ କି ଖାଇବ (ସକୋପେ) ଓଃ ଧନ୍ୟରେ ମର୍ଦ୍ଦ ! ତୋ ପେଟରେ ପୁଣି ଏତେ କଥା ଥିଲ ? ମତେ କୁହା ହେଲ କ'ଣ ନା ମୁଁ ମଫସଲ ଯାଉଚି, ଅବକା ମାସେ ଦମାସ ଘରକୁ ଅସି ପାରିବ ନାହିଁ ; ଏଣେ ଲୁଚେଇ ଲୁଚେଇ ବାହାହେଇ କନିଆ ଭିରଯାକୁ ବଗିଚ୍ଛ ଘର ଦଖଲ ଦେଇ ସାରିଲେଣି ।

ଚଃ ମା—ବଡ଼ିଗୃହଘର ଦଖଲ ହେଲେ ବୋଲି କ'ଣ କହୁଚ ମା, ଆଉ ଦିନାକେତେ ବାଦ୍ ଘର କୋଠାବି ଦଖଲ ଦେବେ ।

କନ—ଦବ ? ତା ତଣ୍ଟି କଣା କରି ଲହୁ ପିଇଯିବି, ବାଘୁଣୀ ମୁଁ ଚିହ୍ନି ନାହୁଁ କି ମତେ ?

ଚଃ ମା—ମା ! ଏତେ ଚରଜ ଘୁମୁରି ହେଲେ ଯେ ତମର ନିଜର ତଣ୍ଟି ଫାଟି ଲହୁ ବାହାରିବ ।

କନ—ସତ କହିଲୁ ଚଣ୍ଡିଅ ମା ! ଏବେ କି ଉପାୟ କରିବା କହିଲୁ ?

ଚଃ ମା—ମତେ ଯେବେ ବୁଦ୍ଧି ପଚାରିଲ, ମୁଁ ଯା କହିବି କରିବଟିକି ? ଆଗ ସତ୍ୟ କଲ ।

କନ—ହେଇ ମୁଁ ଧର୍ମ ଦେବତାଙ୍କୁ ସାକ୍ଷୀରଖି କହୁଚି, ତୁ ଯା କହିବୁ ମୁଁ ନିଶ୍ଚେ କରିବି ।

ଚଃ ମା—ମୋ'ର ପରଥୁମ କଥାଟି ହଉଚି ତମେ ବାବୁଙ୍କୁ ଦେଖିଲେ କଳି କରିବ କଜିଆ କରିବ ବାଡ଼େଇ କଗୁଡ଼ି ଯେତେ ହେଇ ପାର ହବ, ଏମିତ କ'ଣ ତାଙ୍କୁ ଗୁଣ୍ଡିଏ ସୁସ୍ତ କରି ଖାଇବାକୁ ସହିତେ ଦବ ନାଇଁ । ସବୁ କରିବ ହିଁ, ହେଲେ ନୂଆ ବାହା ହବା କଥାଟି ଯିମିତ ତାଙ୍କ ଆଗେ ତୁଣ୍ଡରେ ଧରିବ ନାଇଁ, ତା'ହେଲେ ସେ ମନେ ମନେ ହସିବେ, ଆଉ ଯାଇ କରି ନୂଆ ମା ଆଗେରେ କହିବେ ଦେ ମୁଁ ତମକୁ ବାହାହେଲି ବୋଲି ସେଇଥା ବାଡ଼େଇ ପିଟି ହେଇ ମରୁଚି ।

କନ—ହଁ ଠିକ୍ କଥା, ଆଚ୍ଛା ଚେଷ୍ଟା କରିବ, ସେ ଜାଆଁଲଗା
ବାହାଘର ନାଁ ତୁଣ୍ଡରେବ ଧରିବ ନାହିଁ।

ଚ: ମା—ତା' କରିପାରିଲେ ତ ଯେତେ ଇଚ୍ଛା ଭଲ, ହଁ ଆଉ
ଗୋଟିଏ କଥା କହିବାକୁ ଡ଼ର ମାଡ଼ୁଛି, ବଡଘର
ଲୋ ବାପ ଝିଅଙ୍କ କଥାକୁ ଗର୍ଦ୍ଦାନ ଯିବା କଥା,
ହେଲେ ମୁଁ ଯା' କହିବ ଏକା ତମରି ଭଲ ପାଇଁ
ସିନା, ମୋ'ର ସେଥିରେ କ'ଣ ଅଛି, ଖୁସି
ପାଇଲେ ରଖିବ ନ ପାଇଲେ ଛାଡ଼ିଦବ।

କନ—ଚଣ୍ଡିଆ ମା! ମୁଁ ଯେବେ ତତେ ଅବିଶ୍ୱାସ କରନ୍ତି
ତେବେ ତୋ କଥାରେ ହାଲପ କରନ୍ତି? ତୁ କିଛି
ଦକ୍ କର୍ ନା କହ, ତୋ କଥା ଜଳନ୍ତା ନିଆଁରୁ
ତତଲ ହେଲେ ମଧ୍ୟ, ମୁଁ ତାକୁ ମିଶିରି ପଣା ଜ୍ଞାନ
କରି ପିଇବ।

ଚ: ମା—ହେଁ ହେଁ ତମେ ସେମିତ ଖାଉନ୍ଦାଣୀ ମା! ନୋହିଲେ
କି ଭଗବାନ ତମ୍ଭକୁ ରାଜରାଣୀ କରନ୍ତେ? ମୁଁ କହୁ-
ଥେଲି କ'ଣ କି, ବାବୁ ଯେବେ ତମକୁ ସଉତୁଣୀ ଗୋଡ
ଧକେଇବେ ବୋଲି ମନ କଲେ, ତେବେ ତମେ
କାହିଁକି ମା ବୁଢ଼ୁଥାରେ ଯଖ ପରି ତାଙ୍କର ଧନ
ଦଉଲତ ଆଗୁଳି ବସିବ? ତା'ପର୍ ଏ ଯୋଉ
କାରଖାନା ହେଲାଣି ଏତେରେ ତମ ହାତରେ
ଆଗ ନଗଦ ନାରାୟଣ ନାଖେ କି ଦି' ନାଖ ଟଙ୍କା
ରଖିବା ଦର୍କାର, ନୁହଁ ମା?

କନ—ହଁ ସତ କଥା କହୁଛୁ ; ଅଚ୍ଛା ଏଇ ଗହଣା ବାକସଟା ବର୍ତ୍ତମାନ ନେଇ ଯା, ଏଥିରେ ପ୍ରାୟ ଲକ୍ଷେ ଟଙ୍କାର ଜଡଉ ଗହଣା ଅଛି, ଯାକୁ ବନ୍ଧକ କରି ଟଙ୍କା ଆଣି ମୋ ଜମା ଦେଇଯିବୁ ।

ଚ: ମା—(ବାକ୍ସ ଧରି) ମା ! ଆଜିକାଲି ବଜାରରେ ସୁନା ରୁପା ଗୁଡ଼ାକ ପୋଇଲ ମାଇପ, ଜୟପୁର ସୁନାଭରି ଛଅଟଙ୍କା ଗୁଡ଼ିଅଣା ; ଯା ଆଉ କାନ ଉଠିଲା ଦିନୁ ଶୁଣା ନ ଥିଲା ; ଆଉ ପଥର କାମକୁ କେହି ପଥର ମୂଲରେ ଭଲ ପଚାରନ୍ତେ ! ତେବେ ଏ ମୋ'ର ନିଜର ଜିନି, ମେହେନତ ପଡ଼ିଲେ ପଡ଼ିବ ପଛେ, ମାଲୁଆଡ଼ିଙ୍କର ଘରେ ବୁଲି ଭାଉ ବଟା, କରି ଦି ହଜାର ହଜାରେ ଯା ମିଳିବ ସବୁ ଦେଇ ଯିବି; କତାଏ, ଜାନ୍ତେ ରଖିବ ନାହିଁ ।

(ଗମନୋଦ୍ୟତ)

(କନିଷ୍ଠ ପୁତ୍ର ରାଧୁର ପ୍ରବେଶ ।)

ରାଧୁ—ହଇ ଲୋ ମା ! ଗହଣା ବାକ୍ସଟା କାହିଁକି ଚଣ୍ଡିଅମା'କୁ ନେଇ ଦଉଛୁ ?

କନ—ବେଶ୍ କଲି !

ରାଧୁ—ବେଶ୍ କଲୁ ? ହଉ ରହିଥା ବାପା ମଫସଲରୁ ଆସନ୍ତୁ ମୁଁ ଦଉଡ଼ି କହୁ ।

କନ—(ସକ୍ରୋଧେ) ହଇରେ ନିସ୍ତୁଲିଆ ଟୋକା, ବାପ ଆଗରେ କ’ଣ କହୁରୁ ? (ପିଲର ଦୁଇ ହାତକୁ ନିଜ ହାତରେ ଧରି) ଯା, ଚୁଲିପଶା ବଞ୍ଚିବୁ ନା ବାପ ଆଗରେ ରହୁବୁ ? (ସଜୋରେ ଫିଙ୍ଗି ଦେବା ସମୟରେ ଭଲ ଅଗଣାରେ କମଳୀନାମ୍ନୀ ହଠାତ୍ ସାଧୁକୁ ଧରି ପକାଇବା) ।

(ଇତ୍ୟବସରେ ଚଣ୍ଡିଆ ମା’ର ବାକ୍ସ ସହ ପ୍ରସ୍ଥାନ)

(କମଳୀନାମ୍ନୀର ପ୍ରବେଶ ।)

କମଳୀ—ମା, ଗହଣା ପେଡିଟା ଦେଇ ପକେଇଲ ବୋଇଲେ ଲ’ପଇଣ୍ଟି ଧରି ଛାଡ଼ୁଁରେ କିଛୁ ଛା’ପୁ ଅସିବ ନାହିଁ, କେଣେ କି, ତମଠିଜ, ତମର ଯାହାକୁ ଇଷ୍ଟ ହେଲ ତାକୁ ଦେଲ, ହେଲେ ପିଲକୁ ଫିଙ୍ଗାଇ ଦବା କେସୁରେ ଅବଶ୍ୟ ହେଲେ ଛା’ପୁ ଘଟିବ ବୋଲି ଲ’ପଇଣ୍ଟି ଡାକୁଚି ଏକା ।

କନ—ଚୁପ୍ କର୍ ହାରାମ୍‌ଜାଦୀ ମାଇକିନିଆ ।

(ନାମ୍ନୀ ଉପରକୁ ଜିନିସପତ୍ର ଫିଙ୍ଗିବା ।)

କମଳୀ—ଇମତ ଅଲରା ପାଇଚି କେଣେ କରୁଚ ମା ? ସ୍ତାହିଁରେ ଯେ ଡବଲ୍ କେସୁ ହବ ବୋଲି ଲ’ପଇଣ୍ଟି ଡାକୁଚି ।

କନ—ଫେର୍ ପାଟି କରୁଚି ବଜାର୍ ମାଇକିନିଆ (ଶୁପଡା)

କମଳୀ—(ସ୍ୱଗତ) ଅଇ ବୁଷ୍ଟା, ଏ ମାଇକିନିଅଟା ଗଭର୍ଣ୍ଣମେଣ୍ଟ ଲ’ପଇଣ୍ଟି ମାନୁ ନାହିଁ ।

[ପ୍ରସ୍ଥାନ]

(ଜ୍ୟେଷ୍ଠ ପୁତ୍ର ସାଧୁର ପ୍ରବେଶ ।)

ସାଧୁ—ମା ! କମଳୀନାନୀକି ମାଇଲ କାହିଁକ ସେ କାନ୍ଦୁଚି;
(ଜିନିଷପତ୍ର ପଡ଼ିଥିବାର ଦେଖି) ଏ କଣ ? ଏସବୁ
ଏମିତ କରି ଭାଙ୍ଗିଭୁଙ୍ଗି ପକେଇ ଦେଇଚି କିଏ ?

କନ—ତୁ ଏଠୁ ଚାଲିଯା ସାଧୁ ! ମତେ ପଚାର୍‌ନା କିଛୁ
କହୁଚି ।

ସାଧୁ—କାହିଁକି ମା ? ମୁଁତ କିଛୁ ଦୋଷ କରିନାହିଁ ?

କନ -- ଦୋଷ କରି ନାହୁଁ ? ଦେଖିବୁ ଅବକା ?

ସାଧୁ—ମା, ତମେ କ'ଣ ବାତୁଳୀ ହେଇ ଗଲଣି କି ?

କନ—ବଦମାସ ଟୋକା, ମତେ ଥଟ୍ଟା କରୁଚୁ ? ରହ ଥା ତତେବ.
ହାଣିବ, ମୁଁ'ବ ହାଣିହେଇ ମରିବି (ତଲୱାରରେ
ହାଣିବାର ଚେଷ୍ଟା ।)

(ବେଗେ କମଳୀନାନୀର ପ୍ରବେଶ ।)

କମଳୀ—ହାଁ ହାଁ ମା ଏ କସ କରୁଚ ?
(ତଲୱାର ଛଡେଇ ନେବା ।)

କନ—କ'ଣ ! ମୋ ଚେଷ୍ଟାରେ ବାଧା ?
(ଅନ୍ୟ ଅସ୍ତ୍ର ଗ୍ରହଣ କରି ।)
ତାକୁ ସିନା ବଞ୍ଚେଇଲୁ ; ଏଥର ନିଜର ପ୍ରାଣବଞ୍ଚା,
(ନାନୀକୁ ଅଘାତ କରିବାର ଚେଷ୍ଟା ଓ ନାନୀ ହାତରୁ
ଅସ୍ତ୍ର ନେଇ ସାଧୁର ବାଧା ପ୍ରଦାନ ।

ପଟପତନ ।

—o✻o—

National Library, Calcutta-27.

ପଞ୍ଚମଦୃଶ୍ୟ ।

(ଛଦ୍ମ ସନ୍ନ୍ୟାସୀ ବେଶରେ ଅଲଗ ଦୁଇଜଣ ଗୁପ୍ତ ଘାତକଙ୍କର ପ୍ରବେଶ ।

୧ମ—କରେ, ଭାଇ ବାବୁ ତ ଏଠି ନାହାନ୍ତି ?

୨ୟ—ରୋଜ ସନ୍ଧ୍ୟାବେଳେ ତ ବାବୁ ଏକୁଟିଆ ଏ ଚାରଦାରେ ଟହଲ କରନ୍ତି, ଆଜି କୁଆଡ଼େ ଗଲେ ମୁଁ କେମିତି କହିବ ?

୧ମ—ହଁ ମୁଁ ବି ଏଇ ସମୟରେ ବାବୁ ଏଇଠି ବୁଲୁଥିବାର ଅନେକଥର ଦେଖିଚି, ଖାଲି ସାଧୁ ସନ୍ୟାସୀ କେହି ଆସିଲେ ଆସନ୍ତି, ନଇଲେ ଅନ୍ୟ କାହାକୁ ଏ ଅଗଣାକୁ ଆସିବାକୁ ହୁକୁମ ନାହିଁ ।

୨ୟ—କାହିଁକି ବାକେଲୋକ ଏ ଅଗଣାକୁ ଆସନ୍ତି ନାହିଁ ଜାଣୁ ? ହେଇତନି ମେ ଯୋଉ ବଗିଚା ନୁହଁ, ସେଥିରେ ଅନେକ ରକମର ଗଛ, ଅନେକ ରକମର ଔଷଧ ଗଛ ବାବୁ ନିଜ ହାତରେ ଲଗେଇଛନ୍ତି, ନିଜ ହାତରେ ଗଛରେ ପାଣି ଦିଅନ୍ତି, ଗଛ ମୂଳ ସଫା କରନ୍ତି ଆଉ ଦରକାର ପଡିଲେ ନିଜେ ଔଷଧ ତୋଳା ନେଇ ଲୋକଙ୍କୁ ଦିଅନ୍ତି, ଏ ଔଷଧ ଗୁଣରେ କେତେ ଗରିବ ଯେ ଅସାଧ୍ୟ ରୋଗରୁ ରକ୍ଷା ପାଉଚନ୍ତି ତା'ର ଅଉ ସଂଖ୍ୟା ନାହିଁ । ଭାଇ ତୁ ଯାହା କହ ପଛେ ଏ ଭଳି ହାକିମଙ୍କୁ ଖୁନ୍ କରିବାକୁ ମୋ ହାତ ଆଗେଇ ଚଳୁ ନାହିଁ । ହାକିମ ତ ନୁହନ୍ତି, ଗରିବଙ୍କର ବାପ ମା ।

DBA00001811ORI

୧ମ—ଚୁପ, ସ୍ୱା ବୋଲି କ'ଣ ଦୁଇ ଦୁଇ ହଜାର ଟଙ୍କା ହାତରୁ ଛାଡ଼ିଦବା ? ଚଣ୍ଡିଆ ମା କହୁଥିଲେ ଯେ ମା' କୋଉଠି କହୁଛନ୍ତି ବାବୁ ଆଉ ତାଙ୍କ ବଡ଼ପୁଅ ଏ ଦହିଙ୍କି ଖତମ କରି ପାରିଲେ ଦି'ହଜାର ଉପରେ ଆଉରି ହଜାରେ ଟଙ୍କା ପିଠେଇଦିଆ ଦେବେ ।

୨ୟ—ତା' ତ ଦେବେ, ଏବେ ତାଙ୍କୁ ପାଇବା କୋଉଠି ?

୧ମ—ରହୁଥା ଚଣ୍ଡିଆ ମା ଆଇଲେ ସବୁ ଜଣାପଡ଼ିବ ।

(ସିଟିବାଦନ ଏବଂ ଛଦ୍ମବେଶରେ ଚଣ୍ଡିଆ ମା'ର ପ୍ରବେଶ)

ଚ: ମା—କରେ, କାମ ଶେଷ କଲ ?

୨ୟ—ଶେଷ କରିବୁ କା'କୁ ? ତାଙ୍କୁ ନା ଦେଖେ ?

ଚ: ମା—ମଲ, ମତେ କାହିଁକି ମ, ବାବୁ କ'ଣ ନାହାନ୍ତି କି ଇଠି ?

୨ୟ—ତୋ ଆଖି କ'ଣ ନାହାନ୍ତି କି ? ବାବୁ ଥିଲେ ତଟେ କାହିଁକି ଡାକନ୍ତୁ ।

ଚ: ମା—ତେବେତ ବଡ଼ ମୁସ୍କିଲ ହେଲା (କଣ୍ଠିତ ଚିନ୍ତା) ହେ ଗୋଟାଏ ଭଲ ଉପାୟ ମିଳିଚି ; ସନ୍ଧ୍ୟା କଲା-ବେଳେ ବାପ ପୁଅ ଦହିଙ୍କ ଦିହରେ ଜମା ଦେଖା ନ ଥାଏ ।

୧ମ—ତେବେତ ସେଇ ସମୟଟା କାମ ଶେଷ କରିବାର ଉପଯୁକ୍ତ ସମୟ, ବାବୁ କୋଉଠି ସନ୍ଧ୍ୟା କରନ୍ତି ?

ଚ: ମା—ଚାଲ ମୁଁ ଧୂରରେ ରହି ବାପ ପୁଅ ଦହିଙ୍କି ଦେଖେଇ ଦେବି । (ସମସ୍ତଙ୍କର ପ୍ରସ୍ଥାନ)

ପଟ ପତନ ।

ଷଷ୍ଠ ଦୃଶ୍ୟ ।

[ଦେବମନ୍ଦିର, ସିଂହାସନୋପରି ରାଧାକୃଷ୍ଣ ବିଗ୍ରହ ଅବସ୍ଥାପିତ, ସମ୍ମୁଖରେ ଶିବକୁମାର ବାବୁ ଓ ତାଙ୍କର ଜ୍ୟେଷ୍ଠପୁତ୍ର ସାଧୁଚରଣ ବାବୁମାନେ ଧ୍ୟାନସ୍ଥ ଓ ପିତା ପୁତ୍ରଙ୍କର ସମ୍ମୁଖ (କିଞ୍ଚିତ୍ ଦୂରରେ) ସନ୍ନ୍ୟାସବେଶୀ ପୂର୍ବୋକ୍ତ ଘାତକ ଦୁଇଜଣ ମୃଗାସନରେ (ଅଣ୍ଟୁମାଡ଼ି ବସି) କପଟ ଧ୍ୟାନରେ ନିମଗ୍ନ, ସନ୍ନ୍ୟାସି ଦ୍ୱୟ ପରସ୍ପର ଠାରାଠାରି ହୋଇ ମନୋଭାବ ବ୍ୟକ୍ତ କରିବା ଏବଂ ପୁନର୍ବାର ଚକ୍ଷୁମୁଦ୍ରିତ କରିବା]

(ନିଃଶବ୍ଦେ ପଦସଞ୍ଚାରେ କମଳୀନାମ୍ନୀର ପ୍ରବେଶ)

କମଳୀ—(ସାଧୁ ଦ୍ୱୟଙ୍କୁ ଉଦ୍ଦେଶ୍ୟ କରି ସ୍ୱଗତ) ରଇକଳାଏ, ବଇରାଗୀ ବେଶଧରି ମୋ ଖାଉନ୍ଦ ଦିହିଙ୍କି ଖୁଣି କରିବ ବୋଲି ଆଇଚ ପରା ? ଆଚ୍ଛା ଦେଖିବ ରେ ନଇଗୁଆଏ ! ମୁଁ ଅଉ ଥାଉ ଯେବେ ତେମେମାନେ ମୋ ଖାଉନ୍ଦ୍‌କୁ ମାରିଲ, ତେବେ ମୋ'ର ଏତେ ଲ'ପଇଣ୍ଟି ଶିଖିବାର ବୃଥା ଏବା ।

(ଉଭୟଙ୍କର ଗୋଡ଼କୁ ଦଉଡ଼ାରେ ବାନ୍ଧି)

ଏବେ ଏଠୁ ପଳେଇବାର ମୁଖ୍ୟ ଏବା; ବାଡ଼ିପଶାଏ ଖୁଣି କରିବାକୁ ଉଠିଲାବେଳେ ମୋ ଲ'ପଇଣ୍ଟି ବୁଝି ପାରିବେ ।

(ପ୍ରସ୍ଥାନ)

(ଘାତକ ଦୁହେଁ ପରସ୍ପର ଠାରାଠାରି ହୋଇ ଛୁରୀ ବାହାର କରି, ବାବୁଙ୍କୁ ଓ ତାଙ୍କ ପୁତ୍ରଙ୍କୁ ଆଘାତ କରିବା ନିମନ୍ତେ ଲକ୍ଷ୍ୟ ସ୍ଥିର କରି, ହଠାତ୍ ଛିଡ଼ା ହେବାକୁ ଯାଇ ଦୁହିଙ୍କର ଗୋଡ଼ ବନ୍ଧାହୋଇ ଥିବାରୁ ବାବୁରି ଓ କୁମାରଙ୍କର ଉପରେ କଚାଡ଼ି ହୋଇ ପଡ଼ିବା)

ବାବୁ – (ହଠାତ୍ ଠିଆହୋଇ) ସାଧୁ !

ସାଧୁ – ଆଜ୍ଞା ।

ବାବୁ—ଏ କ'ଣ ଦେଖିଲ !

ସାଧୁ – (ଛିଡ଼ାହୋଇ) ଏ କଣ ? ଏ ବାବାଜୀ ଦହ୍ଲଙ୍କ ହାତରେ ଛୁରା କାହିଁକି ବାବା ?

ବାବୁ – ସେ କଥା ସେମାନଙ୍କୁ ପଚାରିଲେ ଜାଣିପିବ, (ଭଲରୂପେ ଦେଖି) ଏମାନେ ଭୟରେ ଅଜ୍ଞାନ ହୋଇ ପଡ଼ିଚନ୍ତି, ଆଗ ଟିକିଏ ପାଣି ଦେ ।

ସାଧୁ – (ଛୁରା କାଢ଼ିନେଇ ଉଭୟଙ୍କୁ ଜଳଦେବାପରେ) ବାବା ! ଏ ଦହ୍ଲଙ୍କର ଗୋଡ଼ କଏ ବାନ୍ଧି ଦେଇଚି, (ଦଉଡି ଫିଟେଇଦେବାର)

(ଘଡିକ ଦୁହେଁ ଛିଡାହୋଇ ପୁନର୍ବାର ବାବୁଙ୍କର ଗୋଡଡଳେ ପଡ଼ିବା)

ବାବୁ—ଏ କଣ ? ଆପଣମାନେ ସାଧୁ ସନ୍ନ୍ୟାସୀ ଲୋକ, ମୋତେ ଅପରାଧୀ କରୁଛନ୍ତି କାହିଁକି !

୧ମ ସ—ବାବୁ ଆମେମାନେ ଘୋର ଅପରାଧୀ ।

ବାବୁ—ରାମ ୨ ସେ' କି ଗୋଟାଏ କଥା ! ଆପଣମାନେ କାହିଁକି ଅପରାଧୀ ହେବାକୁ ଯିବେ ?

ଉଭୟେ—ତେବେ ଦେଖନ୍ତୁ (କୃତ୍ରିମ ଦାଢ଼ି ଖୋଲି ଦେବା)

ବାବୁ—କି ଆଶ୍ଚର୍ଯ୍ୟ ! ଏ' ତ ଆମ ଶାମସିଂ, ଦାମସିଂ ଚପ୍ରାସି ! ।

୨ୟ—ହଁ ହଜୁର, ଆମେ ହଜୁରଙ୍କର ଅନ୍ନଖାଇ ଆଜି ନିମକହରାମୀ କରିବାକୁ ଆସିଥିଲୁଁ ଆମ୍ଭକୁ ଯୋଉ ଶାସ୍ତି ଇଚ୍ଛା ସେ ଶାସ୍ତି ଦିଅନ୍ତୁ । (ଉଭୟଙ୍କର କ୍ରନ୍ଦନ)

ବାବୁ—କାନ୍ଦନା, କାନ୍ଦିଲେ କି ଫଳ ମିଳିବ ? ଯେ ଭଗବାନଙ୍କର ପାଦପଦ୍ମରେ ଆଶ୍ରା ନେଇଚି କିଏ ତା'ର ଅନିଷ୍ଟ କରିପାରିବ ? ଅଚ୍ଛା ସାଧୁ ! ଏ ଦୁହିଙ୍କ ବିଷୟରେ କ'ଣ କରିବା ? ଇନ୍‌ସପେକ୍‌ଟର୍ ବାବୁଙ୍କୁ ଚିଠି ଲେଖ, ସେ ଆସିଲେ ତାଙ୍କସଙ୍ଗେ ପରାମର୍ଶ କରି ଯା'ହେଲେ ଗୋଟାଏ କରାଯିବ ।

ସାଧୁ—ବାବା, ସେମାନେ ତ ଦୋଷ ସ୍ୱୀକାର କରୁଛନ୍ତି ଶାସ୍ତିବି ନେବାକୁ ପ୍ରସ୍ତୁତ ଅଛନ୍ତି, ମୋ ବିଚାରରେ ଏମାନଙ୍କୁ କ୍ଷମା କଲେ ଭଲ ହୁଅନ୍ତା ।

ବାବୁ—(ସାହ୍ଲାଦେ) ମୋ'ର ପୁତ୍ରର ଉପଯୁକ୍ତ କଥା କହିଚୁ ବାପା, ମନୁଷ୍ୟର କ୍ଷମାଇ ହେଉଛି ସର୍ବଶ୍ରେଷ୍ଠ ଭୂଷଣ । (ସନ୍ନ୍ୟାସୀଙ୍କ ପ୍ରତି) ଅଚ୍ଛା କାହିଁକି ତୁମେମାନେ ନରହତ୍ୟା ବିଶେଷତଃ ରାଜହତ୍ୟା କରିବାକୁ ଆସିଥିଲ ?

୨ୟ ସ:—ହଜୁର ! ଆମେ ଆମର ମହାପାପର ସମସ୍ତ କାହାଣୀ ହଜୁରରେ କଣେଇବୁଁ, ବୈଠକଖାନାକୁ ବିଜେକରନ୍ତୁ ।

ବାବୁ—ଅଚ୍ଛା ଚାଲ, ସାଧୁ ତୋର ମାଷ୍ଟର ଆସିବେଣି ଯା ।

(ସମସ୍ତଙ୍କର ପ୍ରସ୍ଥାନ)

(ପଟ ପତନ)

ସପ୍ତମ ଦୃଶ୍ୟ ।

ଜଙ୍ଗଲ ।

(ସନ୍ନ୍ୟାସୀବେଶୀ ବଳଦେବମିଶ୍ର ଓ କମଳୀନାମ୍ନୀ ।)

ବଲ—ଦେଖ୍ ! ମଏଁ ତତେ ବଡ଼ା ଭଲ୍ଲେ ପାଉଛୁ ଉସ୍‌ବାସ୍ତେ ରଣ୍ଡିଅ ମା'କା ହାତ୍‌ସେ ତୁଟକୁ ଏଠାକୁ ଉଠାଇ ଥେଲୁ ।

କମଲୀ—ମୁଁ ମିଛେ ତମକୁ ବଡ଼ ଭଲପାଏ ନାହିଁ କି ? ମୁଁ'ତ ତମକଥା ମନେକରି କେତେ କାନ୍ଦେ, କେତେ ହସେଁ, କେତେ କାଶେଁ, କେତେ ଛୁଙ୍କେଁ, କେତେ ହାଇମାରେଁ ।

ବଲ—ଆରେ ହାଇ କାହେ ମାରୁ ମେରି ଜାନ୍ ?

କମଲୀ—ତମକୁଁ ପାଇବ ନାହିଁ ବୋଲି ମନେକରି ହା'ହା ହଉ? ହାଇ ମାରି ପକାଏଁ ।

ବଲ—ଆରେ ବା, ବା; ତୁଁ'ନେ ଏତ୍‌ନା ଭଲପାଉଛୁ ହାମ୍‌କୁ ? ଦେଖ୍‌ ତୁ ହାମ୍‌ରି ମାତାଜି ହୋ ପାର୍‌ବୁ ?

କମଲୀ—କାହିଁକି ନ ପାରିବ ମ ! ମୁଁ'ତ ତମକୁ ବାହାହେଇ ଥାନ୍ତି; ଖାଲି ରାଣ୍ଡ ବାହ୍ମୁଣୀମାନେ ଆଉ ଥରେ ବାହାହବା ପାଇଁ ଲୋ' ପରିଣ୍ଟ ମନା କରୁଚି ପରା ?

ବଲ—ଅଁରେ କ୍ୟା ମିଲବ ସେ ଲୋ'ପରିଣ୍ଟ ରୁ; ତୁ ହାମ୍‌ରା ମାତାଜି ହୋ'ଯା, କେତ୍‌ନା ଭଲ୍ଲରିଜ୍ ଖାଇବୁ । କେତ୍‌ନା ଅଲଙ୍କାର୍ ପିନ୍ଧିବୁ ; କେତ୍‌ନା ଭୂତ ପ୍ରେତ ତୋ'ର ପାଓଁ ଢପବେ ।

କମଳୀ—ଏ' ମା, ଭୂତଗୁଡ଼ାକ କେମନ୍ତ ମଣିଷଙ୍କର ଗୋଡ଼ ଘଷିବେ ମ ? ନାହିଁ ନାହିଁ, ଭୂତ ଦେଖିଲେ ମତେ ଭାରି ଡରମାଡ଼ିବ ।

ବଲ—ଆରେ କୁଛ ଡର୍ ନାହିଁ ଲାଗିବ; ପହିଲେ ମେରା ମାଥା-ଜି ତ ହୋ' ଯା; ଉସ୍‌ପର ଦେଖିବୁ ମେରା କେତ୍‌ନା କେରାମତ୍ ।

କମଳୀ—ହଁ ସେ କଥା ସତ ଯେ, ହେଲେ ଭୂତ କେମନ୍ତ ଟିକିଏ ଆଗରୁ ଦେଖିଥା'ନ୍ତି କି ପଛକୁ ଆଉ ଡର ମାଡ଼ନ୍ତା ନାହିଁ, ଆଛା ତମେ ଭୂତ ହେଇ ପାରିବ ?

ବଲ—କାହେ ନେହିଁ ପାରିବ; ମେରା ବଦନ୍‌ମେ ସବ୍ ଲହି ଇତି ଜଡ଼ା ଦେନେସେ ମଏଁ ଠିକ୍ ଭୂତକା ମାଫିକ୍ ହୋଯିବ ।

କମଳୀ—ତେବେ ଆସ ମୁଁ ତମକୁ ଭୂତ ସଜେଇ ଦିଏଁ ।

(ଲତା ଦ୍ୱାରା ପ୍ରଥମେ ଉଭୟ ହସ୍ତ ବନ୍ଧନ)

ବଲ—କେଉଁରେ ! ମେରା ହାଥ୍ କାହେ ବାନ୍ଧୁରୁ ?

କମଳୀ—ଭୂତ ହେଲେ କାଳେ ହାତ ହଲେଇବ, ତା' ହେଲେ ମତେ ଯେ ଭାରି ଡର ମାଡ଼ିବ ।

ବଲ—ଓ, ଏଯ୍‌ସା ବାତ୍ ? (ହାସ୍ୟ) ଅଚ୍ଛା ବାନ୍ଧ୍ ତେରି ମନମାଫିକେ ବାନ୍ଧ୍ ।

କମଳୀ—(ବଛୁଆତିଲଟି ବଳଦେବର ସର୍ବଶରୀରରେ ବାନ୍ଧି-ଦେଇ) ଭୂତ ଏମନ୍ତ ନା ?

ବଲ—ଆରେ, ଏ କ୍ୟା ଲଟିମେ ବାନ୍ଧିଲୁ ? ମେରା ଦେହ କାହିଁକି କୁଣ୍ଡେଇ ହଉଚି ? ଏ ଗୁଡ଼ାକ ବଛୁଆତି ପରା, ଜଲଦି ଖୋଲ୍ ଜଲ୍‌ଦି ଖୋଲ୍ ।

କମଳୀ—ରହିଥାଓ ମ ବେଶ୍ ଦୁଶୁଚି, ମୁଁ ଟିକିଏ ଭଲକରି ଭୂତ, ଦେଖିନିଏଁ ।

ବଳ—ମେରା ଦିହ ଯେ ବଡା ଗଲ୍ଲ କଲ୍ସ (ନାନାପ୍ରକାର ଅଙ୍ଗଭଙ୍ଗୀ)

କମଳୀ—ଭୂତ କ'ଣ ଇମିତି ନାଚନ୍ତି ନା ? ଟିକିଏ ଭଲ ହୋଇ ନାଚ ମ ! ବଡ କଉତୁକ ଲାଗୁଚି ଏଁକା ।

ବଳ—ଅରେ ମେରା ଜାନ୍ ଯେ ନିକଲ୍ ଗଲ୍ସ ? ଜଲ୍‌ଦି ଖୋଲ୍ ବେ ଜଲ୍‌ଦି ଖୋଲ୍ (ଉପରୋକ୍ତ ଅଙ୍ଗଭଙ୍ଗୀର ମାତ୍ରା ବୃଦ୍ଧି)

କମଳୀ—ଯାଓ ମ ତେବେ ତମେ ମତେ ଭଲପାଓନା ମୁଁ ଯାଉଚି, (ଗମନୋଦ୍ୟତ)

ବଳ—(ନାଚୁ ନାଚୁ) ଅବେ ହାରାମ୍‌ଯାଦ ! ତେରା ପ୍ରେମ୍ ମେରା ଆଁଖିବାଟେ ନିକଲି ପଡୁଚି ।

(ଅଙ୍ଗଭଙ୍ଗୀର ମାତ୍ରା କ୍ରମଶଃ ବୃଦ୍ଧି)

କମଳୀ—ମତେ ବନାଦୁଷରେ ଗାଳି କରୁଚ କେଣେ ମ ? ତେବେ ମୁଁ ଯାଉଚି (ଗମନୋଦ୍ୟତ)

ବଳ—ଅରେ ତେରା ପାଓଁ ଧରୁଚି, ମତେ ଖୋଲ୍‌ଦେଇ ଯା (ପୂର୍ବାବସ୍ଥା)

କମଳୀ—ପାପିଲୁକେ ମଲେ ସିନା ଭୂତ ହ'ନ୍ତି, ତୁ' ଜିଇଁଜଲ ଜୀଅନ୍ତାରେ ଭୂତ ହେଇଚୁ ? ନାଚ୍ ନାଚ୍ ଆଉରି ନାଚ୍, ତୋ କର୍ମଫଳ ମେଣ୍ଟିଯାଏ ନାଚୁ ଥା, ତତେ ଫିଟେଇ ଦବାକୁ ଲ' ପଇଣ୍ଟି ମନା କରିଚି (ପ୍ରସ୍ଥାନ)

(ଚଣ୍ଡିଆମା'ର ପ୍ରବେଶ)

ଚଃ ମା—ବାବାଜୀ ତୁଲ୍‌ପଣା ଗଲ୍ କୁଆଡେ ? ମତେ ଏ ଜଙ୍ଗଲରେ ଦେଖାହବ ବୋଲି କହିଥିଲୁ କାହିଁ ମୁଁ ତ କେତେ ଖୋଜିଲିଣି !

ବଲ—କୋନ୍‌ବେ ! ଚଣ୍ଡିଆ ମା ? (ନୃତ୍ୟ)

ଚଃ ମା – ହିଁ, ମଲ୍ଲ, କଏମ ଏଇଠା ?

ବଲ—ଅରେ ମୁଚକୁ ଟଯରା ଖୋଲ୍‌ଦେ, ଉସ୍‌ପର ଯୋ କୁଛୁ କହିବୁ କହ ।

ଚଃ ମା—ଏ କିଏ ବାଆଜା ! ତମେ ଇମନ୍ତ କାହିଁକି ହେଇଚମ ? (ବଲଦେବକୁ ବନ୍ଧନମୁକ୍ତ କରି) ତମକୁ ଇମିତ ଭୁତ ସଜେଇଥିଲୁ କିଏ ?

ବଲ—ଅଉ୍ କିଏ ? ତେରା ସହଚରୀ କମଳନାମୀ ମେରା ପାପ୍‌କା ପରତଫଲ୍ ଦେ'କେ ଗୁଲ୍‌ଗଲା ଆର୍ ମେ'ବ ତେରା ପାପ୍‌କା ପରତଫଲ୍ ତୁର୍‌କୁ ଦେଇଦାଉଚି, ଲେ (ଚଣ୍ଡିଆମା'ଙ୍କୁ ବରୁଆତ ଲତାରେ ପୂର୍ବୋକ୍ତ ପ୍ରକାରେ ବାନ୍ଧି) କ୍ୟାଉଁ ବେ ଅବ୍ ହେଲୁ ?

ଚଃ ମା—(ନାନାପ୍ରକାର ଅଙ୍ଗଭଙ୍ଗି କରୁ କରୁ) ମରିଗଲି ମରିଗଲି ହେ ହେ ମିଶ୍ରେ ! ଇଗୁଡାକ ବରୁଆତ ନୁହଁ, ମୋ ଦେହ ଜଳି ଉଠିଲାଣି, ତମ ଗୋଡତଳେ ପଡୁଚି, ମତେ ଫିଟେଇ ଦିଅ ।

(ନାନାପ୍ରକାର ଅଙ୍ଗଭଙ୍ଗି, ଚିତ୍କାର ଓ ନୃତ୍ୟ)

ବଲ—ହାଁ ହାଁ ଫିଟେଇ ଦେବ, ଥୋଡ଼ି ସବୁର୍ କର୍ ଏକଦମ୍ ତୋର୍ ଭବବନ୍ଧନ ଫିଟେଇ ଦେବ । ଶାଲା କେତ୍‌ନା ପାପ୍ କରଛୁ, ଥୋଡା କଷ୍ଟ୍ ନ ପାଇ ମଲେ ପାପ୍‌କା ପ୍ରାୟଶ୍ଚିତ୍ କେସେ ହୋବ ? ହାମରା ମହାପାପ୍‌କା ଥୋଡାଭର ପ୍ରାୟଶ୍ଚିତ୍ ହୋ ଗଲ; ବହୁଆତକା ବସ୍ତ ମେରା ବଦନ୍‌ମେ ପଶିଚି, କଲ୍‌ଯାକୁ ଜାଲ ପୋଡି ଦଉଚି; ଅଉ ଥିକ୍‌କ ବାଦ୍ ହାମକୁ'ତ ନରକ୍‌ମେ ଯିବାକୁ ହୋବ ; ଅଓର୍ ତୁ ଶାଲା କାହେ ଏକୁଟିଆ ରହେକେ ଫିନ୍ ଦୁସରା ପାପ କରବୁ ?

(ଯଷ୍ଟିଦ୍ୱାରା ଚଣ୍ଡିଆମା'କୁ ଗୁରୁତର ଆଘାତ ।)

ଚ: ମା—(ଚିତ୍କାର କରି ପଡ଼ିବା ଓ ଛଟ୍‌ପଟ୍ ହେବା ।)

(ଆଲୋକ ହସ୍ତରେ ଦାମ ସିଂ ଏବଂ ସ୍ୱୟଂ
ଶିବକୁମାର ବାବୁଙ୍କର ପ୍ରବେଶ ।)

ଶିବ—ଦାମ ! ଏ କି ହାଲ୍ ? କିଏ ଏମାନେ ?

ବଲ—ହଜୁର, ମଁ ବଲଦେବ ମିଶ୍ର, ହଜୁରକା ନିମକ୍‌ହରାମ୍ ନଓକର୍ ; ଅକ୍‌କୁ ମହିନାଭର୍ ହୋଗା ବଏରାଗୀ ବେଶ୍ ପହେର୍‌କେ ହଜୁରକା କେତ୍‌ନା ଗୁନା କିୟା ।

ଦାମ—କେଉଁ ବଲଦେବ ମିଶ୍ର ହଜୁର ? ଆମର ସଦର ଦରୱାନ ?

ଶିବ—ହଁ ସେହି ବଲଦେବ ମିଶ୍ର ।

ଦାମ—ସଳା ମହାପାପୀ, ଆପଣା ଭଉଯାକୁ ମାର କୋର୍ଟ-ଅଡ୍ଡେ ପଲେଇ ଥେଲ୍, ଫେର୍ ବୈରାଗୀ ହେଇ ଆମ ଉଆସରେ ଅସି ପହଞ୍ଚିଲଣି । ଏ ସବୁ ତାଣ୍ଡବ ନୃତ୍ୟ ଏଇ ସଳା ନଚେଉଚି ପରା !

ବଲ—ନେହିଁରେ ଦାମା ଭାଇ ! ଉଆସ୍‌ମେ ଯୋ ସବ୍ ଅଲକ୍ଷନ୍ ଘଟୁଛି, ଉସ୍‌କା ମୂଲ୍‌ମେ ମଏଁ ନହିଁ । ଏଇ ସାଲୀ ଚଣ୍ଡିଆ ମା' ଏଇନା କୁଟ୍ କପଟ୍ କର ରାଣୀସା'ବ୍‌କା ଦିଲ୍ ଖରାପ କର ଦେଇଛି, ଗୁହିଁ ଦେଖ୍‌ଭାଇ ! ସାଲୀ ଉହାଁ ପଡ୍‌କେ ଉସ୍‌କା ପାପ୍‌କା ପରତଫଲ ଭୋଗ କରୁଛି ।

ଦାମ—(ଚଣ୍ଡିଆ ମା ନିକଟକୁ ଯାଇ) ସତେତ, ସାଲୀ ଆଚ୍ଛା ଭୂତ ସାଜିଚି (ହାସ୍ୟ) ବେ ଚଣ୍ଡିଆ ମା ! .

ଚ: ମା—(ଉଠିବସି) ଇଲେ ମୋ ମା'ଲେ ଫେର୍ ଗୋଟାଏ ଆଇଲ, କାହିଁକ ମତେ ଏତେ ଦହଗଞ୍ଜ କରୁଚ ଭଲ, ଓହୋ ହୋ ମରିଗଲି ମରିଗଲି, ମୋ ନଖ ଭିତରେ ଛୁଞ୍ଚି ଗୁଡାକ ପୁରେଇ ଦଉଚନ୍ତି, ନାକେରେ କାନରେ ତତଲା ତେଲ ଅଜାଡ଼ି ଦଉଚନ୍ତି ; ସେ କିଏ ଚଣ୍ଡିଆ ? ସେ ଛୁରିଟାକୁ କାହିଁକି ହାତରେ ଧରିଚୁ ? କ'ଣ କହିଲୁ ? ସେଇ ଛୁରିରେ ମୋର ଜିଭ କାଟି ପକେଇବୁ ? ନାହିଁ ନାହିଁ, ମୋ ବାପ ପରା, ଏଡ଼େ ନିଦାରୁଣ ହ'ନା, ମୁଁ ପରା ତୋ' ମା ? ଇଲେ ବାପଲେ ମରିଗଲି ମରିଗଲି, ମୋ ପେଟ ଚିରି ଅନ୍ତ୍ରଜୁଳାଗୁଡାକ ଟାଣି ଅଣୁଚନ୍ତି, କହୁଚି

କହୁଚି, ମୁଁ ପୁଅକୁ ବିଷ ଦେଇ ମାରୁଚି, ବଳଦେବ ମିଶ୍ର ସାଙ୍ଗେ ମାଡ଼ ତା' ଭଉଣୀକୁ ତଣ୍ଟି ଚିପି ମାରୁଚି; ରାଣୀଙ୍କ ଶିକେଇ ବୁଝେଇ ରଜାଘର ମୁଁ ହିଁ ଭଙ୍ଗେଇଚି, ମୁଁ ହିଁ ସୁନାର ସଂସାରକୁ ଚୂନା କରୁଚି ।' ହଁ ହଁ, ରଜାପୁଅ ଦିହିଙ୍କ ବିଷ ଖୋଇଥିଲି ସିନା, ହେଲେ ରଜା ସେମାନଙ୍କୁ ଭଲ କରିଦେଲେ ।

ଶିବ—ଓଃ ଭଗବାନ୍ ! ଜୀବର କର୍ମଫଳ କ'ଣ ଏହିପରି ଭୋଗ କରିଅ ପ୍ରଭୁ ! ଧନ୍ୟ ବିଚିତ୍ରକର୍ମା !

[ପଟ୍ଟପତନ]

—୦—

ଅଷ୍ଟମ ଦୃଶ୍ୟ ।

କକ୍ଷ ।

ବିଷ ଭକ୍ଷିତା କମଳୀନାମ୍ନୀ ଓ କନକମଞ୍ଜରୀ ।

କନକ—ନାନି ! ଏ କ'ଣ କଲୁ ?

କମଳୀ—କିଛି ତ କରିନାହିଁ ମା ! ତମର ଅନ୍ନ ଖାଉଚି, ମୁଁ ଥାଉ ଥାଉ ତମେ ବିଷଖାଇ ମରିବ ?

କନକ—ମୁଁ ପାପୀୟସୀ ପୋଇଲୀ କଥାରେ ଭୁଲି ଏ ସୁନାର ସଂସାରକୁ ଛାରଖାର କରିଚି, ମୋ'ର ମହାଦେବ ପରି ପତିଙ୍କର ସରଳ ପ୍ରାଣରେ ଦାରୁଣ ଅଘାତ କରିଚି । ମୋ'ର ଗଣେଶ କାର୍ତ୍ତିକ ପରି ପୁଅ

ଯୋଉଁଙ୍କୁ ଏଇ ଯୋଡ଼ାହାତରେ ସରବତ୍ ସଙ୍ଗେ ବିଷ ଗୋଳି ଦେଇଚି । ଆଜି ନିଜର ଭ୍ରମ ବୁଝି ପାରି ବିଷଖାଇ ମରିବ ବୋଲି ବିଷ ଗୋଳୁଥିଲି, ତମେ ଏ କ'ଣ କଲ ନାନି ? କାହିଁକି ମୋହାତରୁ ଛଡେଇ ନେଇ ସେ ବିଷପଣା ଗୁଡ଼ାକ ପିଇଦେଲ ?

(କ୍ରନ୍ଦନ)

କମଳି—କାନ୍ଦନା ମା ! ଯା ହବାର ତ ହେଇଗଲାଣି, କାନ୍ଦିଲେ କି ଫଳ ?

(ଶିବକୁମାର ବାବୁଙ୍କର ପ୍ରବେଶ ।)

ଶିବ—କ'ଣ ହେଇଚି ?

କମଳି—ମା ବିଷଗୁଡାକ ଗୋଳି ପିଇବେ ବୋଲି ବସିଥିଲେ ମୁଁ ତାଙ୍କ ହାତରୁ ଗିଲାସୁଟାକୁ ଛଡେଇ ଫିଙ୍ଗି ଦେଇଚି, ସେଇଥିପାଇଁ ମୋ ଉପରେ କୋପ ପଡୁଚନ୍ତି

ଶିବ—(କନକ ପ୍ରତି) କାହିଁକି ଏସବୁ ଦୁଷ୍କର୍ମ କରୁଚ ?

କନକ—(ବାବୁଙ୍କ ଗୋଡତଳେ ପଡି) ମତେ ଯାହା କହିବାର ପଛେ କହିବ, ଆଗ ମୋ ନାନୀକି ବଞ୍ଚାଅ, ସେ ମୋ ହାତରୁ ବିଷ ଗିଲାସ ଛଡ଼େଇ ନେଇ ଆପେ ପିଇ ଦେଇଚନ୍ତି ।

[କ୍ରନ୍ଦନ]

ତମମାନଙ୍କର ଶୁଣିବୁ ? ନା, ସେ ପାପକଥ ତୋର ଶୁଣିବାର ଦର୍କାର ନାହିଁ, ତୋ'ର ସୁନାର ଦହ ସେ କଥା ଶୁଣିଲେ କାଳିଆ ପଡ଼ିଯିବ । ମୋ ରଘୁଟି କାହିଁ ? ଥିକିଏ ଦେଖନ୍ତି ତାକୁ ! ନାହିଁ ନାହିଁ, ମୋର ଏ ପାପଦୃଷ୍ଟି ସେ ସହ୍ୟ କରି ପାରିବ ନାହିଁ; ଏ ପାପହାତ ବାଜିଲେ ତା'ଦହରେ ଫୋଟକା ହେଇ-ଯିବ । ମୋ'ର ଆଉ କିଛୁ ଦର୍କାର ନାହିଁ, ଦର୍କାର ଖାଲି ଶାସ୍ତି, କଠିନ ଶାସ୍ତି, ସୃଷ୍ଟିଛଡ଼ା ଶାସ୍ତି; ତୋ ବାପାଙ୍କୁ ସେଇ ଶାସ୍ତି ଦବାକୁ କହିଲି, ସେ ଦେଇ ପାରିଲେ ନାହିଁ, ଓଲଟି ଆପେ କାନ୍ଦ ପକେଇଲେ, ତୁଁ ଦେଇ ପାରିବୁ ବାପ, ମତେ ଉଦ୍ଧାର କରି ପାରିବୁ ?

ସାଧୁ—କ'ଣ ଦେବ ମା ?

କନକ—କହିଲି ପରା; ଶାସ୍ତି, ଖାଲି ଶାସ୍ତି; ଦେଇ ପାରିବୁ ବାପ ?

ସାଧୁ—ମା ! ତମର ଏ' ଇ' ଶାସ୍ତି (ସାଷ୍ଟାଙ୍ଗ ପ୍ରଣିପାତ ଓ ମାତୃ ପଦ ଧାରଣ)

(ପଟ୍ଟପତନ ।)

2017

ନବମ ଦୃଶ୍ୟ ।

(ମିଠେଇ ଖାଇ ନାଚୁ ନାଚୁ କେତେଗୁଡ଼ିଏ ବାଳକଙ୍କର ପ୍ରବେଶ)—ଗୀତ ।

ଆଜି କି ମଜାର ଦିନ ଭାଇ,
ପେଟରେ ପେଟେ, ମୁଣ୍ଡରେ ମୋଟେ,
ଦି' ହାତରେ ମିଠାଇ । ପଦ ।

National Library.